# ଭକ୍ତପ୍ରିୟ ଶ୍ରୀପୁରୁଷୋତ୍ତମ

ଅଧ୍ୟାପକ ଶ୍ରୀ ଗୋପାଳ ଚନ୍ଦ୍ର ତ୍ରିପାଠୀ

ପୁରୁଷୋତ୍ତମ ଶ୍ରୀଜଗନ୍ନାଥ ଏକ ରହସ୍ୟମୟ ଠାକୁର : ଆଦିବାସୀଙ୍କ ପାଇଁ ସେ ଏକ ଶବର ଦେବତା, ଜୈନଙ୍କ ପାଇଁ ସେ ଋଷଭନାଥ, ବୌଦ୍ଧଙ୍କ ପାଇଁ ସେ ବୁଦ୍ଧ, ଉତ୍କଳୀୟ ବୈଷ୍ଣବଙ୍କ ପାଇଁ ସେ ଶ୍ରୀପତି, ଗୌଡ଼ୀୟ ବୈଷ୍ଣବଙ୍କ ପାଇଁ ସେ ଶ୍ରୀକୃଷ୍ଣ, ଶୈବଙ୍କ ପାଇଁ ସେ ଭୈରବ, ଶାକ୍ତମାନଙ୍କ ପାଇଁ ସେ ମହାକାଳୀ ଏବଂ ରାମ ଭକ୍ତଙ୍କ ପାଇଁ ସେ ଶ୍ରୀରାମ । ଯେ ଯେଉଁ ଭାବରେ ଦର୍ଶନ କରିବାକୁ ଚାହିଛି, ତା' ପାଇଁ ଜଗନ୍ନାଥଙ୍କର ସେହି ରୂପ । ସେ କୌଣସି ଗୋଷ୍ଠୀ, ନିର୍ଦ୍ଦିଷ୍ଟ ସତ୍ତା, ସୀମା ବା ରୂପରେ ଆବଦ୍ଧ ନୁହଁନ୍ତି ।

ବେଦ, ଉପନିଷଦ ଓ ଗୀତାରେ ପୁରୁଷୋତ୍ତମଙ୍କର ପ୍ରଶସ୍ତି ଗାନ କରାଯାଇଅଛି । ଜଗନ୍ନାଥଙ୍କ ଅନ୍ୟନାମ ପୁରୁଷୋତ୍ତମ ଓ ତାଙ୍କ ଧାମର ନାମ ପୁରୁଷୋତ୍ତମ । କପିଳ ସଂହିତାରେ ଉଲ୍ଲେଖ ଅଛି -

**ସର୍ବେଷାଂ ଚୈବ ଦେବାନାଂ**
**ରାଜା ଶ୍ରୀପୁରୁଷୋତ୍ତମ**
**ସର୍ବେଷାଂ ଚୈବ କ୍ଷେତ୍ରାଣାଂ**
**ରାଜା ଶ୍ରୀପୁରୁଷୋତ୍ତମ ।।**

ସେହିପରି ବ୍ରହ୍ମ ପୁରାଣରେ ବ୍ରହ୍ମାଙ୍କ ଉକ୍ତି ହେଲା,

**ଯଥା ସର୍ବେଶ୍ୱରୋ ବିଷ୍ଣୁଃ ସର୍ବଲୋକୋତ୍ତମୋତ୍ତମଃ ।**
**ତଥା ସମସ୍ତ ତୀର୍ଥାନାଂ ବରିଷ୍ଠଂ ପୁରୁଷୋତ୍ତମମ୍ ।।**

ପୁରୁଷ ଶବ୍ଦ ଭାରତୀୟ ଦର୍ଶନ ଶାସ୍ତ୍ରରେ ଆତ୍ମା ଓ ପରମାତ୍ମା ଅର୍ଥରେ ବ୍ୟବହୃତ । ଏହା ଇନ୍ଦ୍ରିୟାତୀତ । ଋକ୍ ବେଦର ପୁରୁଷସୂକ୍ତ ମନ୍ତ୍ରରେ ପୁରୁଷୋତ୍ତମଙ୍କୁ ସହସ୍ରଶୀର୍ଷା, ସହସ୍ରାକ୍ଷ, ସହସ୍ରପାଦ ଭାବରେ ସ୍ତୁତି କରାଯାଇଅଛି ।

ଉପନିଷଦରେ ପୁରୁଷୋତ୍ତମଙ୍କ ବିଷୟରେ କୁହାଯାଇଛି-

**ଅପାଣି ପାଦୋ ଯବନ ଗ୍ରହୀତା**
**ପଶ୍ୟତ୍ୟଚକ୍ଷୁଃ ସଶୃଣୋତ୍ୟ କର୍ଣ୍ଣଃ ।**
**ସ ବେତ୍ତି ବେଦ୍ୟଂ ନ ଚ ତସ୍ୟାସ୍ତିବେତ୍ତା**
**ତମାହୁରାଧ୍ୟଂ ପୁରୁଷଂ ମହାନ୍ତମ୍ ।।**

ଅର୍ଥାତ୍, ଯେଉଁ ଶକ୍ତି ହସ୍ତପାଦ ନ ଥାଇ ମଧ୍ୟ ସର୍ବାଧିକାରୀ, ଚକ୍ଷୁ ନ ଥାଇ ସର୍ବଦର୍ଶୀ, କର୍ଣ୍ଣ ନ ଥାଇ ସର୍ବଶ୍ରୋତା ଓ ସର୍ବଜ୍ଞତା ତଥା ଅଚିନ୍ତ୍ୟ ଶକ୍ତିମାନ, ସେ ହିଁ ପୁରୁଷୋତ୍ତମ । ସେହିପରି ଗୀତାରେ ପୁରୁଷୋତ୍ତମଙ୍କ ସମ୍ପର୍କରେ କୁହାଯାଇଛି,

**ଯସ୍ମାତ୍ କ୍ଷରମତୀତୋଽହମକ୍ଷରାଦପି ଚୋତ୍ତମଃ**
**ଅତୋଽସ୍ମି ଲୋକେ ବେଦେ ଚ ପ୍ରଥିତଃ ପୁରୁଷୋତ୍ତମଃ**

ଅର୍ଥାତ୍ - ମୁଁ କ୍ଷର ବା ବିନାଶଶୀଳ ଶରୀର ଓ ଅକ୍ଷର ବା ଅବିନାଶୀ ଚୈତନ୍ୟ ଠାରୁ ଅତୀତ ତଥା ଉତ୍କୃଷ୍ଟ । ଏଥିପାଇଁ ଲୋକ ମୁଖରେ ଓ ବେଦରେ ମୁଁ ପୁରୁଷୋତ୍ତମ ନାମରେ ବିଦିତ । ଅତଏବ ବେଦ, ଉପନିଷଦ ଓ ଗୀତାରେ ବର୍ଣ୍ଣିତ ପୁରୁଷୋତ୍ତମ ହିଁ ଶ୍ରୀଜଗନ୍ନାଥ । ଶ୍ରୀଜଗନ୍ନାଥଙ୍କର ପାଦ ନାହିଁ, ପୂର୍ଣ୍ଣାଙ୍ଗ ହାତ ନାହିଁ, କାନ ନାହିଁ ଓ ଦୁଇଟି ଗୋଲକକୁ ଆଖି ବୋଲି କୁହାଯାଏ । ଆଖି ନ ଥାଇ ସେ ସବୁ ଦେଖନ୍ତି, କାନ ନ ଥାଇ ସେ ସବୁ ଶୁଣନ୍ତି, ହାତ ନ ଥାଇ ସବୁ କରନ୍ତି ଓ ପାଦ ନ ଥାଇ ସବୁଆଡ଼େ ଯାଆନ୍ତି । ସେ ଅବତାରୀ ପୁରୁଷ । ଭାଗବତକାର ଭକ୍ତକବି ଜଗନ୍ନାଥ ଦାସ ଶ୍ରୀଜଗନ୍ନାଥଙ୍କ ଶରୀରରୁ ସବୁ ଅବତାର ଜାତ ଓ ଲୀନ ହୁଅନ୍ତି ବୋଲି ବର୍ଣ୍ଣନା କରିଅଛନ୍ତି । ଯଥା,

**ଯେତେ ଯେତେ ବିଷ୍ଣୁ ଅବତାର**
**ଏହି କ୍ଷେତ୍ରରୁ ସେ ବାହାର ।**
**ଏ ଦେବ ଦେବଙ୍କ ଉତ୍ତମ**
**ଏ କ୍ଷେତ୍ର ଶ୍ରେଷ୍ଠ ପୁରୁଷୋତ୍ତମ ।।**

ନିଖିଳ ବିଶ୍ୱ ପାଇଁ ଆତ୍ମା ପୁରୁଷର ପୂର୍ଣ୍ଣତାପ୍ରାପ୍ତି ଓ ଆତ୍ମୋତ୍ସର୍ଗ ହେଉଛି ଉତ୍ତମ ପୁରୁଷ ବା ପୁରୁଷୋତ୍ତମଙ୍କର ଲକ୍ଷଣ, ଅର୍ଥାତ୍ ବିଶ୍ୱ ଚେତନା ହିଁ ପୁରୁଷୋତ୍ତମ ଚେତନା ।

ପୁରୁଷୋତ୍ତମଙ୍କର ଅତି ପ୍ରିୟ ହେଉଛି ଭକ୍ତ । ସେଥିପାଇଁ ଯଥାର୍ଥରେ କୁହାଯାଇଛି 'ଅପାର କରୁଣାସିନ୍ଧୁଃ ଭଗବାନ ଭକ୍ତବତ୍ସଳଃ' । କେଉଁ ଭକ୍ତର ମନ ବାଞ୍ଛା ପୂରଣ ପାଇଁ ସେହି ଭକ୍ତର ସେ କେତେବେଳେ ପୁଅ ହୁଅନ୍ତି, ଆଉ କେତେବେଳେ ମା'ର ସ୍ତନ୍ୟପାନ କରନ୍ତି । ଭଗବାନ ଅର୍ଜୁନ ରଥର ସାରଥୀ ମଧ୍ୟ ହୁଅନ୍ତି ଏବଂ କେଉଁ ଭକ୍ତ ସହିତ ମିତ୍ରତା

କରି ମିତ୍ରର ସମସ୍ତ ଭାର ବହନ କରନ୍ତି । ଭାବଗ୍ରାହୀଙ୍କୁ ସୁଦାମାର ଖୁଦଭଜା ଭଲ ଲାଗେ । ଶବରୀର ଅଇଁଠା କୋଳି ଖୁବ୍ ସ୍ୱାଦ ଲାଗେ । ବିଦୁରର ଶାଗ ଭଜା ଓ ବିଦୁର ପତ୍ନୀର କଦଳୀ ଚୋପା ତାଙ୍କର ଅତି ପ୍ରିୟ । ଦାସିଆର ନଡ଼ିଆକୁ ଆନନ୍ଦରେ ସେ ଗ୍ରହଣ କରନ୍ତି ।

ବର୍ତ୍ତମାନ ପ୍ରଶ୍ନ ଉଠୁଛି ଭକ୍ତ କିଏ ? ଗୀତା, ଭାଗବତ ମାଧ୍ୟମରେ ଭକ୍ତର ଲକ୍ଷଣମାନ ପରିବେଷିତ ହୋଇଅଛି । ଗୀତାର ସାରମର୍ମ ହେଲା, ଈଶ୍ୱରଙ୍କ ନିକଟରେ ଅଚଳା ଭକ୍ତି ଓ ଅତୁଟ ବିଶ୍ୱାସ ରଖିବା ସହ ତାଙ୍କର ଶରଣାପନ୍ନ ହେବା । ସେ ଭଳି ଭକ୍ତର ଅପ୍ରାପ୍ତ ବସ୍ତୁ ପ୍ରାପ୍ତି ହୁଏ ଓ ପ୍ରାପ୍ତ ବସ୍ତୁର ରକ୍ଷଣାବେକ୍ଷଣ ଦାୟିତ୍ୱ ଭଗବାନ ହିଁ ବହନ କରନ୍ତି । ଜଣେ ସାମାଜିକ ପ୍ରାଣୀ ସାଂସାରିକ କର୍ମରେ ଲିପ୍ତ ରହୁ, ଈଶ୍ୱରଙ୍କ ଆଦେଶରେ ତାଙ୍କରି କାର୍ଯ୍ୟ କରୁଛି ବୋଲି ମନେ କରୁ ଓ କର୍ମ ଫଳରେ ଆସକ୍ତି ନରଖି ସେହି ଫଳ ଈଶ୍ୱରଙ୍କୁ ଅର୍ପଣ କରୁ । ତେବେ ସେ ଏକ ଆଦର୍ଶ ଭକ୍ତ ହେବ, ଏହା ନିଃସନ୍ଦେହ । ଜଣେ ଭଲ ମଣିଷ ଭଗବାନଙ୍କର ଅତି ପ୍ରିୟ । ଯେ ସର୍ବଭୂତରେ ଦ୍ୱେଷ ରହିତ, ସମସ୍ତଙ୍କ ପ୍ରତି ମିତ୍ରତା ଓ ଦୟାଭାବ ଯାହାଙ୍କର ଥାଏ, ଯେ ଅନାସକ୍ତ ଓ ଅହଂକାରଶୂନ୍ୟ, ଯାହାଙ୍କ ପାଇଁ ସୁଖ ଓ ଦୁଃଖ ସବୁ ସମାନ, ଯେ କ୍ଷମାଶୀଳ, ସଦା ସନ୍ତୁଷ୍ଟ, ନିତ୍ୟଯୋଗୀ, ସଞ୍ଜତ ଓ ଯେ ଆତ୍ମତତ୍ତ୍ୱରେ ଦୃଢ଼ ନିଶ୍ଚିତ ଏବଂ ଯେ ଈଶ୍ୱରଙ୍କ ଠାରେ ମନ ପ୍ରାଣ ଅନବରତ ଲଗାଇଥାନ୍ତି, ସେ ଭକ୍ତ ଶ୍ରେଷ୍ଠ ଓ ଭଗବାନଙ୍କର ଅତି ପ୍ରିୟ । ସେହିପରି ଯାହାଙ୍କ ଠାରୁ କେହି ଉଦ୍‌ବେଗ, ଭୟ ପାଆନ୍ତି ନାହିଁ ଓ ସେ ନିଜେ ମଧ ଅନ୍ୟଠାରୁ ଏ ସବୁ ପାଇ ନଥାନ୍ତି, ଯାହାଙ୍କ ହୃଦୟରେ ବ୍ୟାକୁଳତା, ଭୟ ଭାବ ସ୍ଥାନ ପାଇ ନଥାଏ, ସେ ଭଗବାନଙ୍କର ଅତି ପ୍ରିୟ । ଯାହାଙ୍କର ବାହ୍ୟ ତଥା ଅଭ୍ୟନ୍ତର ସମାନ, ଯେ ନିରଳସ ଜୀବନ ଯାପନ କରନ୍ତି, ଯେ ଦକ୍ଷତାର ସହିତ କର୍ତ୍ତବ୍ୟ ସମ୍ପାଦନ କରନ୍ତି ଏବଂ ଯାହାଙ୍କ ପାଇଁ ଶତ୍ରୁ ମିତ୍ରର ପାର୍ଥକ୍ୟ ନ ଥାଏ, ବରଂ ଯେ ଉଭୟଙ୍କୁ ସମଜ୍ଞାନ କରିଥାନ୍ତି, ସେ ହିଁ ଭଗବାନଙ୍କର ପ୍ରିୟ ଭକ୍ତ । ଏହାଛଡ଼ା ଯେଉଁ ବ୍ୟକ୍ତି ଇଷ୍ଟ ପାଇଲେ ହୃଷ୍ଟ ହୁଅନ୍ତି ନାହିଁ କିମ୍ବା ଅନିଷ୍ଟ ଘଟିଲେ ଅସନ୍ତୁଷ୍ଟ ହୁଅନ୍ତି ନାହିଁ, ଯେ ଶୁଭ ଅଶୁଭ, ମାନ ଅପମାନ, ନିନ୍ଦା ପ୍ରଶଂସା, ଶୀତ ଗ୍ରୀଷ୍ମ ଓ ସୁଖ ଦୁଃଖରେ ଅବିଚଳ ରହି ପାରନ୍ତି ଓ ଯାହାଙ୍କର ଚିତ୍ତ ସ୍ଥିର, ଯେ ସଂଯତ ବାକ୍, ସେ ହିଁ ଭକ୍ତ ପଦବାଚ୍ୟ । ଭକ୍ତଙ୍କ ନିକଟରେ ମଧ ଦଶ ଲକ୍ଷଣ ପରିଲକ୍ଷିତ ହୁଏ । ଯଥା -

**ଅକ୍ରୋଧ ବୈରାଗ୍ୟ ଜିତେନ୍ଦ୍ରିୟାଣୀ**
**କ୍ଷମା ଦୟା ସର୍ବଜନପ୍ରିୟଂ ଚ**
**ନିର୍ଲୋଭଦାନୀ ଭୟଶୋକହୀନ**
**ଭକ୍ତ ପ୍ରମାଣଂ ଦଶଲକ୍ଷଣଂ ଚ ।**

ଅର୍ଥାତ୍, କ୍ରୋଧକୁ ଦମନ କରିଥିବା, ଆସକ୍ତି ନଥିବା, ଜିତେନ୍ଦ୍ରିୟ ହୋଇଥିବା, କ୍ଷମା ତଥା ଦୟାଗୁଣ ସମ୍ପନ୍ନ ହୋଇଥିବା ଓ ସର୍ବଜନ ପ୍ରିୟ ବ୍ୟକ୍ତିଙ୍କୁ ଭକ୍ତ କୁହାଯାଏ । ଏତଦ୍‌ବ୍ୟତୀତ ସେ ନିର୍ଲୋଭି, ଦାନୀ, ଭୟହୀନ ଓ ଶୋକହୀନ ହେବା ମଧ ଦରକାର । ଏ ସବୁରୁ ଜଣାଯାଏ ଯେ ଭଲ ମଣିଷ ଭଗବାନଙ୍କର ଅତି ପ୍ରିୟ । ସମସ୍ତ ଶାସ୍ତ୍ର ଭଲ ମଣିଷ ଗଢ଼ିବା ପାଇଁ ଉଦ୍ଦିଷ୍ଟ । ବ୍ୟାସଦେବ ଅଷ୍ଟାଦଶ ପୁରାଣ ରଚନା କଲେ । ସେ ସମସ୍ତରୁ ଦୁଇଟି କଥା ସାର ଅଟେ । ଯଥା,

**ଅଷ୍ଟାଦଶ ପୁରାଣେଷୁ**
**ବ୍ୟାସସ୍ୟ ବଚନଂ ଦ୍ୱୟମ୍ ।**
**ପରୋପକାରଃ ପୁଣ୍ୟାୟ**
**ପାପାୟ ପରପୀଡ଼ନମ୍ ॥**

ପରୋପକାର ହେଉଛି ପୁଣ୍ୟ ଓ ପରକୁ ପୀଡ଼ା ଦେବା ହେଉଛି ପାପ ।

ଏପରି ଉଚ୍ଚମାନର ମଣିଷ ଯଦି ଭଗବାନଙ୍କ ନିକଟରେ ଶରଣାପନ୍ନ ହୁଏ, ତା'ର ଆଉ ନିଜ ବିଷୟରେ ଚିନ୍ତା କରିବାର ନଥାଏ । ଶରଣାପନ୍ନ ବ୍ୟକ୍ତିର କେତେକ ବିଶେଷ ଲକ୍ଷଣ ଥାଏ । ସେ ନିଶ୍ଚିନ୍ତ ହେବା ଦରକାର ଯେ ସେ କ'ଣ କରିବ, ତା'ର ଅବସ୍ଥା କ'ଣ ହେବ, ଏ ସବୁ ଚିନ୍ତାରୁ ସେ ମୁକ୍ତ ହେବା ଉଚିତ୍ । ସେ ମଧ ନିର୍ଭୟ ହେବା ଦରକାର । ସେହିପରି ସେ ନିଃଶୋକ ହେବା ଉଚିତ ଓ ନିଃଶଙ୍କ ହେବା ଦରକାର । ଏତଦ୍ ବ୍ୟତୀତ ସେ ଶରଣଦାତାକୁ ପରୀକ୍ଷା କରି ନଥାଏ - ତା' ମନରେ ବିପରିତ ଧାରଣା ରହେ ନାହିଁ । ଅତଏବ ଯେଉଁ ବ୍ୟକ୍ତି ହୃଦୟର ସହିତ ଶରଣାଗତିକୁ - ସ୍ୱୀକାର କରିନିଏ, ତାହାଠାରେ ଚିନ୍ତା, ଭୟ, ଶୋକ ଆଦି ଦୋଷ ରହେ ନାହିଁ । ତାହାର ଶରଣାଗତି ସ୍ୱତଃ ଦୃଢ଼ ହୁଏ ।

❑❑❑

ପାତ୍ରସାହି ଲେନ୍
ପୁରୀ